# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 July – 2026

********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଓୟୁଏଟି’ଠାରେ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି

– ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ

– ରାଷ୍ଟ୍ରର ନୀଳ ଅର୍ଥନୀତିର ଅଭିବୃଦ୍ଧିରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବ; କହିଲେ ମୁଖ୍ୟମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ଓଷ ଲାଗିନୀତି
- ବିଦ୍ୟାର୍ଥୀଙ୍କ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ ପାଳନ କରାଯାଉଛି ଜାତୀୟ ବିଦ୍ୟାର୍ଥୀ ଦିବସ

ଏବଂ

- ହୀରାକୁଦ ଜଳଭଣ୍ଡାରରୁ ଆଜି ନିଷ୍କାସିତ ହେଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

BBSR/R

# ଉପରାଷ୍ଟ୍ରପତି - ଭୁବନେଶ୍ୱର ଗସ୍ତ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଗଭୀର ସମୁଦ୍ରରୁ ମତ୍ସ୍ୟ ସଂପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିଛନ୍ତି । ଏଥିସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ ମଧ୍ୟ କରିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି କହିଛନ୍ତି, ଏହି ପଦକ୍ଷେପ ଭାରତର ସାମୁଦ୍ରିକ ଯାତ୍ରାରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି। ଦେଶର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ଏବଂ ଗଭୀର ସମୁଦ୍ରର ବିପୁଳ ସମ୍ଭାବନାକୁ ଭାରତୀୟ ମତ୍ସ୍ୟଜୀବୀଙ୍କ ଦ୍ୱାରା ସ୍ଥାୟୀ ଭାବେ ବ୍ୟବହାର କରିବାରେ ଏହା ସକ୍ଷମ କରିବ। ଏହି କାର୍ଯ୍ୟକ୍ରମ ସାମୁଦ୍ରିକ ମତ୍ସ୍ୟ ଚାଷ କ୍ଷେତ୍ରରେ ବିକାଶ, ସ୍ଥାୟିତ୍ୱ ଓ ସମୃଦ୍ଧିର ଏକ ନୂତନ ଯୁଗର ପ୍ରତିଫଳନ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଏହି ପଦକ୍ଷେପ ଓଡ଼ିଶାକୁ ପୂର୍ବ ଭାରତରେ ଗଭୀର ସମୁଦ୍ର ମତ୍ସ୍ୟଚାଷ ଏବଂ ସାମୁଦ୍ରିକ ରପ୍ତାନୀର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ କରିବ। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମତ୍ସ୍ୟ ଉତ୍ପାଦନକାରୀ ଦେଶ ଭାବେ ନିଜକୁ ସ୍ଥାନିତ କରିଛି। ଏହି କ୍ଷେତ୍ର ୩ କୋଟି ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁରକ୍ଷିତ ରଖିବା ସହ ଦେଶର ଖାଦ୍ୟ ନିରାପତ୍ତା ଓ ପୁଷ୍ଟି ସାଧନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଦେଶ ୧୯୫ ଲକ୍ଷ ଟନ୍ ମତ୍ସ୍ୟ ଉତ୍ପାଦନ କରିଛି ବୋଲି ଉପରାଷ୍ଟ୍ରପତି ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭'ର ମହତ ଲକ୍ଷ୍ୟ ସହ ସମନ୍ୱିତ ଏହି ମିଶନ ଅଧୀନରେ ଗଭୀର ସମୁଦ୍ର ମାଛଧରା ଜାହାଜର ନିୟୋଜନ ସହ ଜାହାଜଗୁଡ଼ିକର ଅତ୍ୟାଧୁନିକ ଆଧୁନିକୀକରଣ କରାଯିବାର ବ୍ୟବସ୍ଥା ରହିଛି। ପାରାଦ୍ୱୀପ, ଧାମରା ଏବଂ ଗୋପାଳପୁର ଭଳି ବନ୍ଦର ଅଞ୍ଚଳକୁ ଅତ୍ୟାଧୁନିକ ସାମୁଦ୍ରିକ ପେଣ୍ଠସ୍ଥଳୀ ଭାବେ ବିକଶିତ କରାଯାଇ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ସର୍ବାଙ୍ଗୀନ ଆର୍ଥିକ ଅଭିବୃଦ୍ଧି କରାଯିବ। ପ୍ରଯୁକ୍ତିଭିତ୍ତିକ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ଭାରତର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଓ ଗଭୀର ସମୁଦ୍ରରେ ସୁରକ୍ଷିତ ଉପଯୋଗିତା ଆରମ୍ଭ କରି ରାଷ୍ଟ୍ରର ନୀଳ ଅର୍ଥନୀତିର ଅଭିବୃଦ୍ଧିରେ ଓଡ଼ିଶା ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ମତ୍ସ୍ୟ ଚାଷୀଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆସିବା ସହ ମତ୍ସ୍ୟ ଉତ୍ପାଦନ ୧୦୬ ପ୍ରତିଶତ ବୃଦ୍ଧି ପାଇଛି ବୋଲି କେନ୍ଦ୍ର ମତ୍ସ୍ୟ ଓ

ପ୍ରାଣୀ ସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

**- V/O -**

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଉପରାଷ୍ଟ୍ରପତି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ।

Desk

## ଓଷ ଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଣସର ଗୁପ୍ତ ସେବା ଚାଲିଛି। ମହାପ୍ରଭୁ ଧୀରେ ଧୀରେ ଜ୍ୱରରୁ ସୁସ୍ଥ ହେବାରେ ଲାଗିଛନ୍ତି। ଆଜି ଦଶମୀ ତିଥିରେ ଓଷ ଲାଗି ନୀତି ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ରଥ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ରଥର ତିନି ପାର୍ଶ୍ୱରେ ଶିଖର ଡମ୍ବରୁ ଲଗାଯିବ। ତିନିରଥର ବେଦୀ ସିଂହାସନର ରଞ୍ଜାମରା କାର୍ଯ୍ୟ ଶେଷ ହୋଇଛି। ଚିତ୍ରକର ସେବକମାନେ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ଶେଷ କରିଛନ୍ତି।

Desk

## ବିଦ୍ୟାର୍ଥୀ ଦିବସ

ଜାତୀୟ ବିଦ୍ୟାର୍ଥୀ ଦିବସ ଆଜି ପାଳନ କରାଯାଉଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ-ଏବିଭିପି ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ଉତ୍ସାହିତ କରିବା ଲାଗି ପ୍ରୟାସ କରାଯାଉଛି। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଉପଲକ୍ଷେ ଆଲୋଚନାଚକ୍ର, ସାମାଜିକ ସଚେତନତା ଅଭିଯାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବିଭିପିର ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରସେବାରେ ସମର୍ପିତ ସମସ୍ତ ନିଷ୍ଠାପାର କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବିଭିପି’ ଜାତୀୟ ଚେତନା, ସାମାଜିକ ଦାୟିତ୍ୱବୋଧ ଓ ଜ୍ଞାନ ଚରିତ୍ର ଏକତାର ମନ୍ତ୍ରରେ ଦୀକ୍ଷିତ ହୋଇ ଛାତ୍ର ସଶକ୍ତୀକରଣ, ଭାରତୀୟ ମୂଲ୍ୟବୋଧ ଆଧାରିତ ରାଷ୍ଟ୍ର ଚେତନାର ନିର୍ମାଣ ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦେଶପ୍ରେମର ସଂସ୍କାର ସଂଚାର କରୁଛି।

HS

## ପରିବହନ ବିଭାଗ- ଫିଟ୍‌ନେସ ସାର୍ଟିଫିକେଟ

ରାଜ୍ୟରେ ବୈଧ ଫିଟ୍‌ନେସ ପ୍ରମାଣପତ୍ର ବିନା ଚଳାଚଳ କରୁଥିବା ବାଣିଜ୍ୟିକ ଯାନବାହନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ନିୟମ ଉଲ୍ଲଙ୍ଘନ କରୁଥିବା ଯାନକୁ ଟୋଲ ପ୍ଲାଜାରେ ଜବତ କରାଯାଇ ଆର୍.ସି. ଏବଂ

ପରମିଟ୍ ବାତିଲ କରାଯିବ। ଗତ ଏପ୍ରିଲ ୧ ତାରିଖରୁ ଜୁନ୍ ୩୦ ତାରିଖ ମଧ୍ୟରେ ରାଜ୍ୟର ୩୧ଟି ଟୋଲ ପ୍ଲାଜାରେ ବୈଧ ଫିଟ୍‌ନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଗାଡ଼ି ବିରୁଦ୍ଧରେ ମୋଟ୍ ୪୩ ହଜାର ୬୯୬ଟି ଚାଲାଣ କଟାଯାଇଛି। ବାରମ୍ବାର ନିୟମ ଭଙ୍ଗ କରୁଥିବା ୩୮ ହଜାର ୯୩୦ଟି ଗାଡ଼ିକୁ ଚିହ୍ନଟ କରାଯାଇଛି। ନୂତନ ନିର୍ଦ୍ଦେଶନାମା ଅନୁସାରେ ୧୦ଥର କିମ୍ବା ତା’ଠାରୁ ଅଧିକ ଧରା ପଡ଼ିଥିବା ଗାଡ଼ି ବିରୁଦ୍ଧରେ ୭ ଦିନ ମଧ୍ୟରେ ନୋଟିସ ଜାରି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଞ୍ଚଳିକ ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

Desk

## ଫସଲବୀମା ଯୋଜନା ପଞ୍ଜୀକରଣ

ଚଳିତ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ପଞ୍ଜୀକରଣ ଆସନ୍ତା ୩୧ ତାରିଖରେ ଶେଷ ହେବ। ଋଣଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି– ପାକ୍ସ, ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି– ଲାମ୍ପାକ୍ସ ଓ ବ୍ୟାଙ୍କ ଶାଖରେ ଏହି ପଞ୍ଜୀକରଣ କରାଇପାରିବେ। ପଞ୍ଜୀକରଣ ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ ଅଟେ। ଜଣେ ଚାଷୀ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ ବିନା କୌଣସି ଦେୟରେ କରିପାରିବେ। ଭାଗଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ

ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ। ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନା ଅନ୍ତର୍ଗତ ଚାଷୀମାନେ କ୍ଷତିପୂରଣ ପ୍ରଦାନ କରାଯିବ।

Nabarangpur

## ଦିଶା ବୈଠକ

ନବରଙ୍ଗପୁର ଜିଲ୍ଲାରେ ଉନ୍ନୟନ ମନିଟରିଂ କମିଟି– ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତରା, ମନୋହର ରନ୍ଧାରୀ ଏବଂ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା, ଅଗ୍ରଗତି ଓ ସମନ୍ୱୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

Boudh

## ଜିଲ୍ଲାସ୍ତରୀୟ କର୍ମଶାଳା

ବୌଦ୍ଧ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ହର ଘର୍ ଉଦ୍ୟମ, ହର୍ ଗାଁ ସମୃଦ୍ଧ' ଅଭିଯାନ ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ

ହୋଇଯାଇଛି । ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ହିଁ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିବ ବୋଲି ବକ୍ତାମାନେ କହିଛନ୍ତି ।

Bhadrak

## ବନ ମହୋତ୍ସବ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ରହଣିଆସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲ ଓ ବନ୍ତ ବ୍ଲକ ଅଣିଜୋ ଗ୍ରାମର ସିନ୍ଧୁକେଶ୍ୱର ଉଚ୍ଚବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ସରପଞ୍ଚ, ପ୍ରଧାନଶିକ୍ଷକ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପ୍ରତି ସଚେତନ କରାଇଥିଲେ ।

Bhadrak

## ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ସରପଞ୍ଚ, ଅଙ୍ଗନବାଡ଼ି କର୍ମୀ, ୱାର୍ଡମେମ୍ବର ପ୍ରମୁଖଙ୍କୁ ତାଲିମ ପ୍ରଦାନ କରିଥିଲେ ।

Boudh

## ସମବାୟ ସପ୍ତାହ ପାଳିତ

ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲାରେ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ବ୍ୟବସ୍ଥାର ବିକାଶ, ପାକ୍ସ ଗୁଡ଼ିକର ସଶକ୍ତୀକରଣ ଏବଂ କୃଷକଙ୍କ ଆର୍ଥିକ ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

Sambalpur

# ହୀରାକୁଦ ଗେଟ୍

ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଆଜି ପୂର୍ବାହ୍ନ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି । ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ଗେଟ୍ ଖୋଲିଛନ୍ତି। ନିୟମ ଅନୁସାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯିବା ପରେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାଷିତ ହେଉଛି। ବାମ ପାର୍ଶ୍ୱରେ ତିନୋଟି ଓ ଡାହାଣ ପାର୍ଶ୍ୱରେ ଗୋଟିଏ ଗେଟ୍ ଖୋଲାଯାଇଛି। ଆଜି ଆଉ ୫ଟି ଗେଟ୍ ପର୍ଯ୍ୟାୟକ୍ରମେ ଖୋଲାଯିବ ବୋଲି ହୀରାକୁଦ ଜଳଭଣ୍ଡାରର ମୁଖ୍ୟଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି।

ଏହି ବନ୍ୟାଜଳ ମୁଣ୍ଡଳୀ ବ୍ୟାରେଜରେ ପହଁଞ୍ଚିବା ପାଇଁ ୪୦ ଘଣ୍ଟା ସମୟ ଲାଗିବ। ଆଜି ପୂର୍ବାହ୍ନ ୧୧ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୧୪ ଦଶମିକ ୯/୩ ଫୁଟରେ ପହଁଞ୍ଚିଥିବାବେଳେ ପ୍ରତି

ସେକେଣ୍ଡରେ ୧ ଲକ୍ଷ ୪୧ ହଜାର କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି ।